# Akashvani, Sambalpur

# SAMBALPURI NEWS BULLETIN

## 13 June 2024- 6.47- 6.52 am.

*********************************************

### ପୁରୀ ଶ୍ରୀମନ୍ଦିର୍- ଚାର୍‌ହି ଦୁଆର୍ ଖୁଲ୍‌ବା-ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ କେବିନେଟ୍‌ର ନିଷ୍ପତି ଅନ୍‌ସାରେ ଆଉ କିଛି ସମିଆ ଉତ୍‌ରୁ ପୁରୀ ଶ୍ରୀମନ୍ଦିର୍‌ର ଚାର୍‌ହି ଦୁଆର ଖୁଲ୍‌ବା । ଇଥିର୍‌ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ ପ୍ରଭାତୀ ପରିଡ଼ାଙ୍କର୍ ସହେତେ ମନ୍ତ୍ରୀ ପରିଷଦ୍‌ର ସବୁ ସଦସ୍ୟ ଆଉ ସାଂସଦ୍‌ମାନେ ଶ୍ରୀମନ୍ଦିର୍ ଯାଇକରି ମହାପ୍ରଭୁଙ୍କର୍ ଦର୍ଶନ୍ କରୁଛନ୍ । ଏଛେନ୍ ମହାପ୍ରଭୁଙ୍କର୍ ମଙ୍ଗଲ୍ ଆଲ୍‌ତୀ ଚାଲିଥିବାର୍ ବେଲେ ଆଲ୍‌ତୀ ସର୍‌ବାର୍ ଉତ୍‌ରୁ ଚାର୍‌ହି ଦୁଆର ଖୁଲାଯିବା । ମୁଖ୍ୟମନ୍ତ୍ରୀ ଭାବେ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଶପଥ୍ ନେବାର୍ ଉତ୍‌ରୁ ପହେଲା କେବିନେଟ୍ ବୈଠକ୍ ଡାକିଥିଲେ । ଇ ବୈଠକ୍‌ଥି ଶ୍ରୀମନ୍ଦିର୍‌ର ଚାର୍‌ହି ଦୁଆର ଖୁଲାଯିବାର୍ ସହେତେ ଅଲ୍‌ଗା ୩ ଟା ପ୍ରସ୍ତାବ୍ ପାରିତ୍ ହେଇଥିଲା । ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଣମାଧ୍ୟମ୍‌କେ

ସୂଚ୍‌ନା ଦେଇକରି କହିଛନ୍ ଯେ, ଗଲା କେତେ ବରସ୍ ହେଲା ପୁରୀ ଶ୍ରୀମନ୍ଦିର୍‌ର ସାଧାରଣ ଭକ୍ତମାନ୍‌କର୍ ଲାଗି ୩ ଦୁଆର୍ ବନ୍ଦ୍ ହେବାର୍‌ନୁ ଭକ୍ତ ଆର୍ ଶ୍ରଦ୍ଧାଲୁମାନେ ବହୁତ୍‌ଟେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ସେଥିର୍‌ଲାଗି ଚାର୍‌ହି ଦୁଆର ଖୁଲ୍‌ବାର୍‌ନୁ ଭକ୍ତ ଆର୍ ଭଗବାନ୍‌ଙ୍କର୍ ଭିତ୍‌ରେ ସୃଷ୍ଟି ହେଇଥିବା ବ୍ୟବଧାନ୍ ଦୂର ହେବା । ସେନ୍ତା ଶ୍ରୀମନ୍ଦିର୍‌ର ଉନ୍ନତିକରଣ୍, ସଂରକ୍ଷଣ୍, ବିକାଶ୍ ଆର୍ ଅଲ୍‌ଗା ସମସ୍ୟାର୍ ସମାଧାନ୍ ଲାଗି ରାଜ୍ୟ ସର୍‌କାର୍ ଖୋବ୍ ଜଲ୍‌ଦି ୫ ଶହ କୋଟି ଟଙ୍କାର୍ ଗୁଟେ କର୍ପସ୍ ପାଣ୍ଠିର ବ୍ୟବସ୍ଥା କର୍‌ବେ ବଲି କେବିନେଟ୍‌ଥି ପ୍ରସ୍ତାବ ପାରିତ୍ ହେଇଛେ ।

ଇତାର୍‌ସହେତେ ରାଜ୍ୟର୍ କୃଷକ୍ ମାନ୍‌କର୍ ସଶକ୍ତିକରଣ୍ ଲାଗି ଗୁଟେ ସମୃଦ୍ଧ କୃଷକ୍ ନୀତି ଆସ୍‌ବା । ଚାଷୀମାନ୍‌କୁ ଦିଆଯାଇଥିବା ପ୍ରତିଶ୍ରୁତି ଅନ୍‌ସାରେ ଧାନ୍‌ର ସର୍ବନିମ୍ନ ସହାୟକ ମୂଲ୍ୟର୍ କ୍ୱିଂଟାଲ୍ ପିଛା ଦାମ୍ ୩ ହଜାର୍ ଶହେ ଟଙ୍କାକେ ବଢ଼ାଯିବା । ଇଥିର୍‌ଲାଗି ସମ୍ପୃକ୍ତ ବିଭାଗ୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ଆର୍ ଆଏବା ଶହେ ଦିନ୍ ଭିତ୍‌ରେ ଇଟା କାର୍ଯ୍ୟକାରୀ କରାଯିବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ । ସେ ଆହୁରି କହିଛନ୍ ଯେ, ମହିଳାମାନ୍‌କୁ ଅଏତ୍‌କା ସଶକ୍ତ କର୍‌ବାର୍ ଲାଗି ଆଉ ସେମାନ୍‌କର୍ ଆର୍ଥିକ୍ ଥିତିଥି ଉନ୍ନତି ଆନ୍‌ବାର୍ ଲାଗି ରାଏଜେ ସୁଭଦ୍ରା ଯୋଜ୍‌ନା କାର୍ଯ୍ୟକାରୀ ହେବା । ଇ ଯୋଜ୍‌ନାଥି ମହିଳାମାନ୍‌କୁ ୫୦ ହଜାର୍ ଟଙ୍କାର୍

ଭାଉଚର୍ ଦିଆଯିବା । ଆଏବା ଶହେ ଦିନ୍ ଭିତ୍‌ରେ ଇ ଯୋଜ୍‌ନାର୍ ରୂପରେଖ ତୟାର୍ କରିକରି ମାର୍ଗଦର୍ଶିକା ପ୍ରସ୍ତୁତ୍ କର୍‌ବାର୍‌କେ ସମ୍ପୃକ୍ତ ବିଭାଗ୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଛୁଟି ବାତିଲ୍- ସଂଶୋଧନ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସର୍‌କାର୍ ଛୁଟି ବାତିଲ୍ ନିର୍ଦ୍ଦେଶ୍‌ନାମାଥି ସଂଶୋଧନ୍ କରିଛନ୍ । ସଂଶୋଧିତ୍ ନିର୍ଦ୍ଦେଶ୍‌ନାମା ଅନ୍‌ସାରେ ସର୍‌କାରୀ ଅଧିକାରୀ ଆଉ କର୍ମଚାରୀମାନେ ଦର୍‌କାର୍ ପଡ଼୍‌ଲେ ଛୁଟି ନେଇପାର୍‌ବେ । ହେଲେ ଜରୁରୀ ପରିସ୍ଥିତି ନ ଦର୍‌କାର୍ ପଡ଼୍‌ଲେ ସାଙ୍ଗେସାଙ୍ଗେ ଯୋଗ୍ ଦେବେ । ସେନ୍ତା ଯୋଗାଯୋଗ୍ ଲାଗି ନିଜର୍ ମୋବାଇଲ୍ ନମ୍ବର୍ ଏକ୍ଟିଭ୍ ରଖିବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଆଘୋନୁ ଆଏବା ୩୦ ତାରିଖ୍‌ତକ୍ ଛୁଟି ନେବାର୍‌କେ ମନା କରାଯାଇକରି ସାଧାରଣ୍ ପ୍ରଶାସନ୍ ବିଭାଗ୍ ତର୍‌ଫୁ ଚିଠି ଲେଖାଯାଇଥିଲା ।

ରାସନ୍ କାର୍ଡ୍ -ଆଧାର୍‌କାର୍ଡ୍ ସଂଯୋଗ୍ ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ର ସର୍କାର୍ ରାସନ୍ କାର୍ଡ଼ ସାଙ୍ଗେ ଆଧାର୍ ସଂଯୋଗ୍ ସମିଆକେ ଆଏବା ସେପ୍ଟେମ୍ବର୍ ୩୦ ତାରିଖ୍ତକ୍ ବଢ଼େଇଛନ୍ । ଆଘୋନୁ ଇ ସମୟସୀମା ଆଏବା ୩୦ ତକ୍ ଥିଲା । କେନ୍ଦ୍ର ଖାଉଟି ବ୍ୟାପାର୍, ଖାଦ୍ୟ ଆଉ ସାଧାରଣ ବଂଟନ୍ ମନ୍ତ୍ରଣାଳୟ ତର୍ଫୁ ଇ ସୂଚ୍ନା ଦିଆଯାଇଛେ ।

ଫାଇଲେରିଆ ଉଷୋ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ଫାଇଲେରିଆ ରୋଗର୍ ନିୟନ୍ତ୍ରଣ୍ ଆର୍ ନିରାକରଣ୍ ଲାଗି ଆଏବା ଅଗଷ୍ଟ ୧୦ ନୁ ୧୯ ତାରିଖ୍ ତକ୍ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ ସାମୂହିକ ଔଷଧ ସେବନ୍ କାର୍ଯ୍ୟକ୍ରମ୍ କରାଯିବା । ଆଶା ଆଉ ଅଙ୍ଗନବାଡ଼ି କର୍ମୀମାନେ ଇ ସମିଆଥି ଘର୍କେ ଘର୍ ଯାଇକରି ଲୋକ୍ମାନ୍କୁ ଫାଇଲେରିଆ ରୋଗ୍ ବାବ୍ଦେ ସଚେତନ୍ କର୍ବାର୍ ସହେତେ ଦର୍କାରୀ ଔଷଧ ଖୁଆବେ । ବୈଠକ୍ଥି ଜିଲ୍ଲାପାଳ୍ ଅନ୍ୟା ଦାସ ଅଧ୍ୟକ୍ଷତା କରିକରି କାର୍ଯ୍ୟକ୍ରମ୍କେ ସଫଲ୍ କର୍ବାର୍ ଲାଗି ସ୍ୱାସ୍ଥ୍ୟ ବିଭାଗ୍ ଆଉ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ର ଅଧିକାରୀମାନ୍କୁ ପରାମର୍ଶ ଦେବାର୍ ସହେତେ ଇଥୁ ଯେନ୍ତା ଯୋଗ୍ୟ ବ୍ୟକ୍ତି ବାଦ୍ ନାଇଁ ପଡ଼୍ବେ ତାର୍ ଉପ୍ରେ ଜୋର୍ ଦେଇଥିଲେ ।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

ଦେବ୍‌ଗଡ଼୍ / ସୁବର୍ଣ୍ଣପୁର୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ସୋମେଶ୍ କୁମାର୍ ଉପାଧ୍ୟାୟ ବୈଠକ୍‌ଥି ଅଧ୍ୟକ୍ଷତା କରିକରି ବର୍ଷା ଲାଗି ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର୍ ମୁକାବିଲା ଲାଗି ସବୁ ବିଭାଗ୍ ସଜାଗ୍ ରହେବାର୍ ସହେତେ ପ୍ରସ୍ତୁତ୍ ରହେବାର୍ ଲାଗି ପରାମର୍ଶ ଦେଇଥିଲେ । ବୈଠକ୍‌ଥି କୃଷି ବିଭାଗ୍, ଶକ୍ତି, ପଶୁସମ୍ପଦ୍, ଯୋଗାଯୋଗ, ସ୍ୱାସ୍ଥ୍ୟ, ଜନସ୍ୱାସ୍ଥ୍ୟ, ଗ୍ରାମ୍ୟଉନ୍ନୟନ୍ ବିଭାଗ୍‌ର ଜିଲ୍ଲାସ୍ତରୀୟ ଅଧିକାରୀମାନେ ସମ୍ଭାବ୍ୟ ପରିସ୍ଥିତିର୍ ମୁକାବିଲା ଲାଗି ନିଜର୍ ନିଜର୍ ବିଭାଗ୍‌ର ପ୍ରସ୍ତୁତି ବିଷେ ସୂଚ୍‌ନା ଦେଇଥିଲେ । ସେନ୍ତା ମୌସୁମୀ ବର୍ଷା ଆଘୋନୁ ଦୁର୍ଗମ ଇଲାକା ନ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ, କିରୋସିନ୍ ମହଜୁଦ୍ ରଖିବାର୍‌କେ ଜିଲ୍ଲା ଖାଦ୍ୟଯୋଗାଣ ବିଭାଗ୍‌କେ ପରାମର୍ଶ ଦିଆଯାଇଥିଲା । ଇତାର୍‌ଛଡ଼ା ସବୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରମାନ୍‌କେ ଅତି ଦର୍‌କାରୀ ଉଷୋ, ଓଆର୍‌ଏସ୍ ଆର୍ ସାଁପ୍‌ଚପା ଇଞ୍ଜେକ୍‌ସନ୍ ମହଜୁଦ୍

ରଖ୍‌ବାର୍‌କେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ୍ ଦିଆଯାଇଥିଲା ।

ସେନ୍ତା ସୁବର୍ଣ୍ଣପୁର୍ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟର୍ ସଫଲ୍ ମୁକାବିଲା ଲାଗି ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ଅନ୍ୟା ଦାସଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି ଜିଲ୍ଲା ନ ସମ୍ଭାବ୍ୟ ବଢ଼ିର ମୁକାବିଲା ଲାଗି ବିଭାଗୀୟ ପ୍ରସ୍ତୁତି ଆଉ କାର୍ଯ୍ୟକାରିତା ବାବ୍‌ଦେ ଭିନ୍ ଭିନ୍ ବିଭାଗ୍‌ର କାର୍ଯ୍ୟକ୍ରମ୍ ତଥ୍ୟ ଉପସ୍ଥାପନ୍ କରାଯାଇଥିଲା । କାର୍ଯ୍ୟର ସୁପରିଚାଳନା ଲାଗି ଜିଲ୍ଲାସ୍ତର୍, ଉପଖଣ୍ଡସ୍ତର ଆଉ ଭିନ୍ ଭିନ୍ ବିଭାଗ୍‌ର କାର୍ଯ୍ୟାଳୟ ମାନ୍‌କେ ୨୪ ଘଂଟିଆ କଂଟ୍ରୋଲ୍‌ରୁମ୍ କାର୍ଯ୍ୟକ୍ଷମ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଥିଲା ।

ଆଇଟିଇପି ପ୍ରବେଶିକା ପରୀକ୍ଷା-ବାତିଲ୍ ଆର୍‌ଏନ୍‌ୟୁ /ସମ୍ବଲପୁର

୪ ବର୍‌ସିଆ ସମନ୍ୱିତ ଶିକ୍ଷକ୍ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ -ଆଇଟିଇପି ପ୍ରବେଶିକା ପରୀକ୍ଷାକେ ବାତିଲ୍ କରାଯାଇଛେ । ଇ ବାବ୍‌ଦେ ନେସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି - ଏନ୍‌ଟିଏ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ହେଲେ ଖୋବ୍ ଜଲ୍‌ଦି ପରୀକ୍ଷାର୍ ସମୟସାରଣୀ ବାହାର୍ କରାଯିବା ବଲି ଏନ୍‌ଟିଏ ତର୍‌ଫୁ କୁହାଯାଇଛେ ।

ସବୁଜ ଶକ୍ତି ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା ନ ସବୁଜ ଶକ୍ତିର ବିପୁଳ ସମ୍ଭାବନା ରହିଛେ ବଲି ଭାରତୀୟ ଅକ୍ଷୟଶକ୍ତି ବିକାଶ୍ ଏଜେନ୍ସି ଲିମିଟେଡ୍-ଇରେଡ଼ାର ଅଧକ୍ଷ ଆଉ ପରିଚାଲନା ନିର୍ଦ୍ଦେଶକ୍ ପ୍ରଦୀପ୍ କୁମାର୍ ଦାସ କହିଛନ୍ । ସେ କହିଛନ୍ ଯେ, ଗ୍ରୀଡ଼୍ ହାଇଡ୍ରୋଜେନ୍ କ୍ଷେତ୍ରଥି ଓଡ଼ିଶା ନେତୃତ୍ୱ ନେଇପାର୍‌ବା । ଇରେଡ଼ା ତର୍‌ଫୁ ଗଲା ମାର୍ଚ୍ଚ ମାସ୍‌ତକ୍ ୧ ଲାଖ୍ ୨୫ ହଜାର୍ ୯ ଶହ ୧୭ କୋଟି ଟଙ୍କାର ଋଣ ଅକ୍ଷୟ ଶକ୍ତି କ୍ଷେତ୍ର ଲାଗି ଦିଆଯାଇଛେ । ସେଥିର୍‌ଭିତ୍‌ରୁ ୨୬ ହଜାର୍ ୯ ଶହ ୧୩ କୋଟି ପବନ ଶକ୍ତି ପ୍ରକଳ୍ପକେ ଦିଆଯାଇଛେ ।

ଶ୍ରୀ ଦାସ କହିଛନ୍ ଯେ, ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରୀନ୍ ଆମୋନିଆ ଆଉ ଭାସମାନ୍ ସୋଲାର୍ ବାଗିର୍ ଉଦୀୟମାନ୍ ପ୍ରଯୁକ୍ତି ଆଉ ଅକ୍ଷୟଶକ୍ତି ବିନିର୍ମାଣ ଉପ୍‌ରେ ଓଡ଼ିଶାକେ ଜୋର୍ ଦିଆଯାଉଛେ । ଓଡ଼ିଶାର୍ ଅକ୍ଷୟଶକ୍ତି କ୍ଷେତ୍ରଥି ଥିବାର୍ ସମ୍ଭାବନା ହାସଲ୍ କର୍‌ବାର୍ ଲାଗି ଆଗେଇ ଆସ୍‌ବାର୍ ଲାଗି ଶ୍ରୀ ଦାସ ନିବେଶକ୍‌ମାନ୍‌କୁ ଆହ୍ୱାନ୍ ଦେଇଛନ୍ ।